RESEARCH ARTICLE

INDIAN JOURNAL OF
MULTILINGUAL RESEARCH AND DEVELOPMENT

Asian Research Association

DOI: 10.34256/ijmrd2011

# Literary critic: Pandit Gopinatha Nandasharma

## ସାହିତ୍ୟ ସମୀକ୍ଷକ: ପଣ୍ଡିତ ଗୋପୀନାଥ ନନ୍ଦଶର୍ମା

**Bijayalaxmi Dash** [a,*]

[a] Department of Odia, Ravenshaw University, Odisha 753003, India
*Corresponding author Email: Rudrabijayalaxmi@gmail.com
DOI: https://doi.org/10.34256/ijmrd2011
Received: 19-09-2020; Accepted: 24-10-2020; Published: 30-10-2020

**Abstract:** Pandit Gopinath Nandasharma, is a well-known Odia linguist, lexicographer, translator, poet, writer and scholar. Pandit Nanda Sharma is the first Odia dictionary writer who had completed the work for this dictionary in 1903, which was published in 1916. He is known as the Panini of Odia Sahitya. In this paper I emphasized the critical outlook of Pandit Gopinath Nanda Sharma regarding "Sarala Mahabharata written by "sudra muni" Sarala Das, who belongs to the 15th century, is known as the first major poet (the aadi kavi) of Odia literature.

**Keywords:** Pandit Gopinath Nandasharma, Panini of Odia Sahitya, Lexicographer, Linguist, Sarala Mahabharat.

**Language:** Odia

## About the Author



**Dr. Bijayalaxmi Dash Ph.D** currently working as a lecturer in the P.G Department of Odia, Ravenshaw University, Cuttack. Completed her B.A. and M.A (Oriya) with first-class from Ravenshaw College, Cuttack affiliated to Utkal University Odisha. Obtained her M.Phil with specialization in Modern Poetry from Ravenshaw College and was awarded a Ph.D. in 2011 by Utkal University, Vani Vihar, Bhubaneswar, Odisha. She is interested in the study of Language & Modern Literature, and the Study of Folk Culture and Literature.

## (୧)

ପଣ୍ଡିତ ଗୋପୀନାଥ ନନ୍ଦ ଜଣେ ନିଷ୍ଠାପର ଗବେଷକ । ସାହିତ୍ୟ ବୋଧସଂପନ୍ନ ପଣ୍ଡିତ । ଆମ ସାହିତ୍ୟ ଜଗତର ବିରଳ ପ୍ରତିଭା । ତାଂକର ପୈତୃକ ଜନ୍ମସ୍ଥାନ ପାରଳାଖେମୁଣ୍ଡି । ୨୧ ଅଗଷ୍ଟ ୧୮୬୯ ମସିହାରେ ଜନ୍ମ । ୧୪ ଜାନୁଆରୀ ୧୯୨୪ ମସିହାରେ ଦେହାବସାନ । ଗୋପୀନାଥଙ୍କ ମାମୁଘର ମଂଜୁଷାଗଡ଼ରେ ଜନ୍ମ । ପିତା- ରଘୁନାଥ ନନ୍ଦ । ମାତା- ରମାଦେବୀ । ବିଶେଷ କିଛି ଆନୁଷ୍ଠାନିକ ଶିକ୍ଷା ଲାଭର ସୁଯୋଗ ପାଇ ନଥିଲେ । କିନ୍ତୁ ନିଜର ଶାସ୍ତ୍ରଜ୍ଞାନ, ବିଚାରଧାରା ଓ ଚିନ୍ତାଶକ୍ତି ପାଇଁ ପାରଳାଖେମୁଣ୍ଡି ମହାରାଜା ମହାବିଦ୍ୟାଳୟର ଅଧ୍ୟାପକ ଭାବେ ୧୯୧୦ ମସିହାରୁ ୧୯୨୩ ମସିହା ଯାଏ କାର୍ଯ୍ୟ କରିଥିଲେ । ଜନସାଧାରଣଙ୍କର ମନକୁ ହରଣ କଲାଭଳି ସାହିତ୍ୟ ସେ ସୃଷ୍ଟି କରିନାହାନ୍ତି ସତ, କିନ୍ତୁ ଗଭୀର ଅଧ୍ୟବସାୟ ବଳରେ ଭାଷାକୁ ନେଇ ଗବେଷଣା କରିଛନ୍ତି । ସାହିତ୍ୟ ସମାଲୋଚନା ଲେଖି ଓଡ଼ିଆ ଭାଷାର  ସୌଭାଗ୍ୟ ବୃଦ୍ଧି କରିଛନ୍ତି । ସଂସ୍କୃତ, ପାଲି, ପ୍ରାକୃତ, ଅପଭ୍ରଂଶ, ତେଲୁଗୁ, ହିନ୍ଦୀ, ବଂଗଳା, ଇଂରାଜୀ ଓ ଓଡ଼ିଆ ଭାଷା, ପୁରାଣ, କାବ୍ୟ, ଅଳଂକାର, ଧର୍ମଶାସ୍ତ୍ର, ଆୟୁର୍ବେଦ, ଜ୍ୟୋତିଷ, ରାଜନୀତି, ଛନ୍ଦଶାସ୍ତ୍ର, ଯୁଦ୍ଧନୀତି, ଭାଷାତତ୍ତ୍ୱ ଭଳି ଅନେକ ବିଭାଗର ସେ ଦକ୍ଷ ଥିଲେ । ଏଥିପାଇଁ ବିନା ରାଜସଭାର ସ୍ୱୀକୃତିରେ ସେ ପଣ୍ଡିତ ଥିଲେ । ଏଥିପାଇଁ ବିନା ରାଜସଭାର ସ୍ୱୀକୃତିରେ ସେ ପଣ୍ଡିତ ଥିଲେ । ଯଦିଓ ତାଂକୁ ମାଡ୍ରାସ୍ ଠାରେ ଆୟୋଜିତ ସର୍ବଭାରତୀୟ ପଣ୍ଡିତ ସମ୍ମିଳନୀରେ ପ୍ରିନ୍ସ ଅଫ୍ ୱେଲସ୍ଙ୍କ ଭାରତ  ଭ୍ରମଣ ଅବସରରେ ପଣ୍ଡିତ ଭାବେ ସ୍ୱୀକୃତ ପ୍ରଦାନ କରାଯାଇଥିଲା।  ସ୍ୱଶାସ୍ତ୍ର ଜ୍ଞାନର ବିନିଯୋଗ କରି ସାହିତ୍ୟର ସୁଧୀ ଗବେଷକ ଓ ଭାଷାତତ୍ତ୍ୱବିତ୍ ମାନଂକର ସେ ଶ୍ରଦ୍ଧା ଭାଜନ ହୋଇପାରିଥିଲେ ।

 DOI: 10.34256/ijmrd2011

## (୨)

ଗୋପୀନାଥଙ୍କ ସର୍ଜନ କର୍ମ ଆରମ୍ଭ ହୁଏ ପଦ୍ୟରଚନାରୁ । ନିମ୍ନଲିଖିତ ରଚନାବଳୀରୁ ତାଂକ ସର୍ଜନ ସୃଷ୍ଟିର ପରିଚୟ ମିଳିଥାଏ । ଉଦ୍ଧବଦୂତ (୧୯୦୫), ପଦ୍ୟାବଳୀ (୧୯୦୬), ମେଘଦୂତ (୧୯୦୬), ସୀତାବନବାସ ନାଟକ (୧୯୦୭), ବିକ୍ରମୋର୍ବଶୀୟ ନାଟକ (୧୯୦୮), ଦ୍ରୌପଦୀ ବସ୍ତ୍ରହରଣ ନାଟକ(୧୯୦୮), ରାମାଶ୍ୱମେଧ ନାଟକ (୧୯୧୩), ପୀୟୂଷଧାରା (୧୯୧୪), ଉନ୍ମତ୍ତ ରାଘବ ନାଟକ (୧୯୧୫), ବିହ୍ଲଣୀୟ କାବ୍ୟ(୧୯୧୫), ଜାନକୀ ପରିଣୟ ନାଟକ (୧୯୧୫), ଶବ୍ଦତତ୍ତ୍ୱବୋଧ ଅଭିଧାନ (୧୯୧୬), ଓଡ଼ିଆ ଭାଷାତତ୍ତ୍ୱ (୧୯୨୭), ଶ୍ରୀ ଭାରତଦର୍ପଣ (୧୯୨୮) । ପରବର୍ତ୍ତୀ ସମୟରେ 'ଶ୍ରୀ ଭାରତଦର୍ପଣ' ଓଡ଼ିଶା ସାହିତ୍ୟ ଏକାଡ଼େମୀ ଆନୁକୂଲ୍ୟରେ ୧୯୬୪ ମସିହାରେ ପ୍ରକାଶ ପାଇଥିଲା । ଏଥିସହିତ ତାଂକ ପ୍ରଜ୍ଞାର ଅଭିବ୍ୟକ୍ତି ସ୍ୱରୂପ କେତେକ ଆଲୋଚନା ତତ୍କାଳୀନ ପତ୍ରପତ୍ରିକାର ପ୍ରକାଶ ପାଇଥିଲା । 'ସତ୍ୟବାଦୀ' ପତ୍ରିକାରେ 'ଶ୍ରୀମଦ୍ ଭାଗବତ ସମାଲୋଚନା', 'ମୁକୁର' ପତ୍ରିକାରେ 'ଦାଣ୍ଡୀ ରାମାୟଣ'ର ସମାଲୋଚନା, 'ଉତ୍କଳ ସାହିତ୍ୟ' ପତ୍ରିକାରେ 'ଲକ୍ଷ୍ମୀ ସମାଯୋଗ', 'ତ୍ରୈଲିଂଗଭୋଜ ଓ ତ୍ରୈଲଙ୍ଗ ସାହିତ୍ୟ', 'ପ୍ରଦୀପ' ପତ୍ରିକାରେ 'ରଘୁବଂଶ ବିଚାର' ପ୍ରକାଶ ପାଇଥିଲା ।(୧)

ପଣ୍ଡିତ ଗୋପୀନାଥଙ୍କ ପାଣ୍ଡିତ୍ୟ ସଂପର୍କରେ ସେ ସମୟରେ ଉତ୍କଳ ସାହିତ୍ୟର ସଂପାଦକ ଓ ପଣ୍ଡିତ ନୀଳକଣ୍ଠ ଦାଶ ଲେଖିଥିଲେ- "ପଣ୍ଡିତ ଗୋପୀନାଥ ନନ୍ଦ ପୁରାତନ ରୀତିରେ ସଂସ୍କୃତଜ୍ଞ ପଣ୍ଡିତ । ସଂସ୍କୃତ ପଣ୍ଡିତମାନେ ଉତ୍କଳ ସାହିତ୍ୟ ଚର୍ଚ୍ଚାରେ କ୍ୱଚିତ୍ ମନ ବଳାଇଥାନ୍ତି । ମାତ୍ର ଗୋପୀନାଥ ଉତ୍କଳ ସାହିତ୍ୟର ସୌନ୍ଦର୍ଯ୍ୟ ଓ ଗୌରବ ଅନୁଭବ କରି ତାହାର ଚର୍ଚ୍ଚାରେ ଏକାବେଳକେ ବୁଡ଼ି ଯାଇଥିଲେ । ସଂସ୍କୃତ ଛଡ଼ା ତୈଲଂଗ ସାହିତ୍ୟରେ ସେ ସୁପଣ୍ଡିତ ଥିଲେ । ପୁଣି ନିଜର ସାହିତ୍ୟ ଜ୍ଞାନକୁ ପରିପୁଷ୍ଟ କରିବା ପାଇଁ ରାଶି ରାଶି ବଂଗଳା ସାହିତ୍ୟ ମଧ୍ୟ ଅଧ୍ୟୟନ କରିବାକୁ କୁଣ୍ଠିତ ହୋଇନଥିଲେ । ଏଡ଼େ ଅଧ୍ୟୟନଶୀଳ ବ୍ୟକ୍ତି ଯଥାର୍ଥରେ ଉତ୍କଳରେ ବିରଳ । କି ପ୍ରାଚୀନ କି ଆଧୁନିକ କୌଣସି ଓଡ଼ିଆ ପୁସ୍ତକ ଅଧ୍ୟୟନ କରିବାକୁ ତାଂକର ପ୍ରାୟ ବାକି ନଥିଲା ।" (୨)

"ନୀଳକଣ୍ଠ ଦାସଙ୍କ ମନ୍ତବ୍ୟ ଭାଷାତତ୍ତ୍ୱ ଅଭିଧାନ ସଂପର୍କିତ ଥିଲା । ଭାଷାତତ୍ତ୍ୱର ଅନୁସଂଧାନ ସଂପର୍କରେ ପଣ୍ଡିତ ଗୋପୀନାଥଙ୍କ ଉଦ୍ୟମକୁ ପ୍ରଶଂସା କରିବାକୁ ଯାଇ କହିଥିଲେ ;-

"ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଭାଷାତତ୍ତ୍ୱ ଏକା ଓଡ଼ିଆରେ କାହିଁକି, ଭାରତର ସମସ୍ତ ଚଳିତ ଭାଷାରେ ଗୋଟିଏ ନୂତନ ଗ୍ରନ୍ଥ । ଜୀବନ୍ତ ଚଳିତ ଭାଷାର ଶକ୍ତି ଓ ଅଭିବୃଦ୍ଧି ଉପରେ ଶିକ୍ଷା ଓ ସଭ୍ୟତାର ପ୍ରକୃତି ଓ ପ୍ରସାର ନିର୍ଭର କରେ । ଭାଷାତତ୍ତ୍ୱର ଅନୁସନ୍ଧାନ ଓ ପ୍ରଚାରରେ ଭାଷା ସାର୍ବଜନୀନ ଓ ବିଦେଶୀ ପକ୍ଷରେ ସୁଖସେବ୍ୟ ଓ ସୁଶିକ୍ଷଣୀୟ ହୁଏ । ଏହା ଏକ ପ୍ରକାର ଇଂଗିତରେ କୁହାଯାଇଛି । ମାତ୍ର ସାମାଜିକ କୃତ୍ରିମତାରୁ ହେଉ, ରାଜନୀତିକ ପରାଧୀନତାରୁ ହେଉ ପ୍ରାଚୀନତାର ସ୍ଥିତି ସଂରକ୍ଷଣ ଉଦ୍ଦେଶ୍ୟ ବା ଉଦ୍ୟମରୁ ହେଉ ଉପରେ କୁହାଯାଇଥିବା ନୀତି ଅବଲମ୍ବନରେ ଭାରତର ଭାଷାଚର୍ଚ୍ଚା ଅଦ୍ୟାପି କଦାଚିତ୍ ହୋଇଅଛି ।" (୩)

ଓଡ଼ିଆ ଭାଷାର ପ୍ରଚଳିତ ବହୁ ବିଶିଷ୍ଟାର୍ଥବାଧକ ଶବ୍ଦକୁ ସଂଗ୍ରହ କରି 'ଭାଷାତତ୍ତ୍ୱ' ରେ ଆଲୋଚନା କରିଛନ୍ତି ।

## (୩)

ବର୍ତ୍ତମାନ ପ୍ରସଂଗାନୁଯାୟୀ ସାହିତ୍ୟ ସମୀକ୍ଷକ ଭାବରେ ପଣ୍ଡିତ ନନ୍ଦଙ୍କର କୃତିତ୍ୱ ସଂପର୍କରେ ଆଲୋଚନା କରିବା । ପଣ୍ଡିତ ଗୋପୀନାଥଙ୍କୁ ଓଡ଼ିଆ ସାହିତ୍ୟର ଆଦ୍ୟ ସମୀକ୍ଷକର ସମ୍ମାନ ଦିଆଯାଇଛି । ପ୍ରଜାତନ୍ତ୍ର ପ୍ରଚାର ସମିତି ୧୯୫୪ ମସିହାରେ ଏକ 'ସାରଳାସ୍ମରଣିକା' ପୁସ୍ତକ ପ୍ରକାଶ କରିଥିଲେ । ଏହି ପୁସ୍ତକରେ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା ପଣ୍ଡିତ ଗୋପୀନାଥଙ୍କୁ ଆଦ୍ୟ ସମୀକ୍ଷକ ଭାବରେ ସମ୍ମାନ ଦେଇ ଲେଖିଛନ୍ତି ।(୪) କିନ୍ତୁ ଏହି ପ୍ରବଂଧ ରଚନାର ୪୦ବର୍ଷ ପୂର୍ବେ 'ସତ୍ୟବାଦୀ' ପତ୍ରିକାରେ ଗୋପୀନାଥଙ୍କ ନିଷ୍ଠା ଓ ସାଧନାର ପ୍ରଶଂସା କରି ଅନୁରୂପ କଥା କୁହାଯାଇଥିଲା । ନୈଷ୍ଠିକେ ସାହିତ୍ୟେ ସବୋ' ଶୀର୍ଷକରେ ସତ୍ୟବାଦୀର ସଂପାଦକ ଉଲ୍ଲେଖ କରିଥିଲେ, "ଓଡ଼ିଆ ଭାଷାର ପ୍ରକୃତି ନିରୂପଣ, ଆଦି ଓଡ଼ିଆ କବି ଶାରଳା ଦାସଙ୍କ ମହାକାବ୍ୟ ମହାଭାରତର ପୁଙ୍ଖାନୁପୁଙ୍ଖ ଆଲୋଚନା ଆଦି ସୁବିପୁଳ ସାହିତ୍ୟିକ ଉଦ୍ୟମରେ ସେ ଯେଉଁ ଅନନ୍ୟ ସାଧାରଣ କୃତିତ୍ୱ ଦେଖାଇଛନ୍ତି, ତାହା ତାଂକ ଅଧ୍ୟବସାୟ ଓ ଆନ୍ତରିକତାର ପରିଚୟ ଦେଉଅଛି । ସାହିତ୍ୟର ଏହି ଗୁରୁତର ବିଭାଗରେ ଓଡ଼ିଶାରେ ତାଂକୁ ଆଦି ସାଧକ ବାଲି କହିଲେ ବୋଧହୁଏ କାହାରି ବିଶେଷ ଆପତ୍ତି ହେବ ନାହିଁ (୫)

ଶ୍ରୀ ଗୋପୀନାଥ ନନ୍ଦଙ୍କ ମୃତ୍ୟୁପରେ 'ଶ୍ରୀ ଭାରତ ଦର୍ପଣ' ପୁସ୍ତକ ତାଂକ ସାନଭାଇ ଶ୍ରୀ ବଳଭଦ୍ର ନନ୍ଦଶର୍ମାଙ୍କ ପ୍ରୟାସରେ ୧୯୨୮ ମସିହାରେ ପ୍ରକାଶ ପାଇଥିଲା । ଏହାପରେ ୧୯୬୪ ମସିହାରେ ଓଡ଼ିଆ ସାହିତ୍ୟ ଏକାଡ଼େମୀଙ୍କ ଦ୍ୱାରା ପ୍ରକାଶିତ ହେଲା । 'ଶ୍ରୀ ଭାରତ ଦର୍ପଣ' ହେଉଛି ସାରଳା ଦାସଙ୍କ ମହାଭାରତର ସମୀକ୍ଷା ବା ସମାଲୋଚନା । ଏହି ସମୀକ୍ଷା ବିଶ୍ୱନାଥ କରଙ୍କ ସଂପାଦିତ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଧାରାବାହିକ ଭାବେ ଦୀର୍ଘ ପାଞ୍ଚବର୍ଷକାଳ ପ୍ରକାଶ ପାଇଥିଲା ।(୬) ଏତେଦିନ ଧରି ଏହା ପ୍ରକାଶ ପାଉଥିବାରୁ ସେ ସମୟରେ ପାଠକମାନେ ମଧ୍ୟ ବିରକ୍ତି ପ୍ରକାଶ କରିଥିଲେ । ଏପ୍ରକାର ଅସହିଷ୍ଣୁତା ଦେଖି ସଂପାଦକ ବିଶ୍ୱନାଥ କର ସ୍ୱ ଅଭିମତ ରଖିଥିଲେ । ପଣ୍ଡିତ ନନ୍ଦଙ୍କର ଅସାଧାରଣ ଧୈର୍ଯ୍ୟ, ଅନୁସନ୍ଧିତ୍ସା, ସାରଳା ମହାଭାରତର

ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ ଦେଖି ମୁଗ୍ଧ ଚକିତ ହୋଇଯାଇଥିଲେ । ଉତ୍କଳ ସାହିତ୍ୟ ଚର୍ଚ୍ଚା କ୍ଷେତ୍ରରେ ପଣ୍ଡିତ ନନ୍ଦ ଯେ ଜଣେ ନିଷ୍ଠାବାନ୍ ସେବକ ଓ ମହାଭାରତ ସମାଲୋଚନା ତାର ଜ୍ୱଳନ୍ତ ସାକ୍ଷୀ, ଏହା ଥିଲା ବିଶ୍ୱନାଥ କରଙ୍କର ତତ୍‌କାଳୀନ ଶିକ୍ଷିତ ପାଠକ ଗୋଷ୍ଠୀ ପ୍ରତି ଅଭିମତ। (୭)

ପଣ୍ଡିତ ନନ୍ଦ ସାରଳା ମହାଭାରତର ତାଳପତ୍ର ପୋଥି ଓ ଛାପା ପୁସ୍ତକକୁ ମିଶାଇ ଏହାର ତୁଳନାତ୍ମକ ଅଧ୍ୟୟନ କରିଥିଲେ ଯେହେତୁ ସଂସ୍କୃତ, ହିନ୍ଦୀ, ବଂଗଳା ଓ ତେଲୁଗୁ ଭାଷାରେ ତାଂକର ଦକ୍ଷତା ଥିଲା ସମସ୍ତ ଭାଷାର ମହାଭାରତ ସେ ଅଧ୍ୟୟନ କରି ସାରଳା ମହାଭାରତର ଉତ୍କର୍ଷାପକର୍ଷ ନିର୍ଣ୍ଣୟ କରିଥିଲେ । ଏହି ପ୍ରକାର ଆଲୋଚନାକୁ ପାଠ୍ୟାଲୋଚନା କୁହାଯାଉଛି । ଯାହାକୁ ଇଂରାଜୀରେ Textual criticism କୁହାଯାଏ । ଯେଉଁ ସମୟରେ ଗୋଟିଏ ପାଠ ସହିତ ଅନ୍ୟ ଭାଷାର ସେହି ପାଠର ତୁଳନାତ୍ମକ ଚର୍ଚ୍ଚା କଥା କେହି ଚିନ୍ତା କରିନଥିଲେ ସେହି ସମୟରେ ଜଣେ ସଂସ୍କୃତ ପଣ୍ଡିତ ଓଡ଼ିଆ ମହାଭାରତର ଏପରି ଚର୍ଚ୍ଚା କରିବା ପ୍ରକୃତପକ୍ଷେ ଏକ ଦୁଃସାହାସିକ କାର୍ଯ୍ୟ ।

ପଣ୍ଡିତ ନନ୍ଦଙ୍କର ସମୀକ୍ଷାକୁ ଚାରିଭାଗରେ ବିଭକ୍ତ କରି ଆମେ ଆଲୋଚନାକୁ ଆଗେଇ ନେବା ।

(କ) ବିଷୟଜନିତ ସାମ୍ୟ ଓ ବୈଷମ୍ୟ

(ଖ) ଭାଷା ଓ ସାହିତ୍ୟ

(ଗ) କବି ପରିଚୟ

(ଘ) ଉପସଂହାର ।

ସାରଳା ମହାଭାରତର ଅନ୍ୟାନ୍ୟ ଭାଷାର ମହାଭାରତ ସହିତ ଯେଉଁ ତୁଳନାତ୍ମକ ଅଧ୍ୟୟନ ଏହା ପଣ୍ଡିତ ନନ୍ଦଙ୍କର ଗଭୀର ଅଧ୍ୟୟନର ପରିଚାୟକ । ଶ୍ରୀ ଭାରତଦର୍ପଣର ପ୍ରଥମ ସଂସ୍କରଣରେ ମୂଳ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତର ତୁଳନାତ୍ମକ ଅଧ୍ୟୟନ ସଂପର୍କରେ ସ୍ୱମତ ଦେବାକୁ ଯାଇ କହିଥିଲେ, "ସାରଳା ମହାଭାରତ ମୂଳ ସଂସ୍କୃତ ମହାଭାରତର ଅନୁବାଦ ନୁହେଁ, ଅବିକଳ ଅନୁକରଣରେ ମଧ ଲିଖିତ ନୁହେଁ । ସାରଳା ଦାସ ସମଗ୍ର ଭାରତର ସ୍ଥୂଳ ସ୍ଥୂଳ ବିଷୟ ଓ ଆମୂଳାନ୍ତ ଘଟନାଂଶମାନ ମାତ୍ର ସ୍ୱୀୟ ଅବ୍ୟାହତ ସ୍ମୃତିକୋଷରେ ପ୍ରଦୀପ୍ତ ରଖି ଅସାମାନ୍ୟ କଳ୍ପନାଶକ୍ତି ଓ ବିଷୟ-ସଂବିଧାନ ପ୍ରବୀଣତାର ବଳରେ ବଳୀୟାନ ହୋଇ ଅଙ୍ଗୀକରଣ, ବିସ୍ତୃତୀକରଣ, ଅନୁକ୍ତ ପ୍ରକ୍ଷେପ ଓ ଉକ୍ତ ନିକ୍ଷେପାଦି କ୍ରମରେ ଏହି ପ୍ରକାଣ୍ଡ ଗ୍ରନ୍ଥକୁ ଲେଖିଯାଇଅଛନ୍ତି । (୮) ଗୋପୀନାଥ ନନ୍ଦ ଅସୀମ ଧୈର୍ଯ୍ୟ ସହକାରେ ଉଭୟ ସଂସ୍କୃତ ଓ ଓଡ଼ିଆ ମହାଭାରତ ଅଧ୍ୟୟନ କରି ଏହି ଅଂଶ ଗୁଡ଼ିକର ଆଲୋଚନା କରିଛନ୍ତି । ଏହା ବ୍ୟତୀତ ସାରଳା ଦାସ ମହାଭାରତରେ ଯେଉଁଠି ଯେଉଁଠି ଅସଂଗତି ପ୍ରସଂଗ, ଅଯଥା କଳ୍ପନାପ୍ରସୂତ ବିଷୟର ସଂଯୋଜନା କରିଛନ୍ତି । ସେ ସଂପର୍କରେ ମଧ ପଣ୍ଡିତ ନନ୍ଦ ଦୃଷ୍ଟିପାତ କରିଛନ୍ତି । ସାରଳାଙ୍କର ତ୍ରୁଟି ବିଚ୍ୟୁତିକୁ ଦେଖାଇ ଦେଇଛନ୍ତି ।

ସାରଳା ଦାସ 'ଭୀମ' ଚରିତ୍ରକୁ ଯେପରି ଚିତ୍ରଣ କରିଛନ୍ତି, ପଣ୍ଡିତ ଗୋପୀନାଥ ନନ୍ଦ ଏହି ଚିତ୍ରଣ ଶୈଳୀକୁ ନାପସନ୍ଦ କରିଛନ୍ତି । ଭୀମଙ୍କର ଜନ୍ମ ପ୍ରସଂଗକୁ କୌତୁହଳୋଦ୍ଦୀପକ କରିଛନ୍ତି । ଭୀମଙ୍କର ଶକ୍ତି ଓ ପରାକ୍ରମକୁ ବିଭିନ୍ନ ପ୍ରସଂଗରେ ଦେଖାଇଛନ୍ତି । ଯେମିତିକି ଜନ୍ମହେବା ପରେ ତାଂକ ପଦାଘାତରେ ପର୍ବତ ଚୂନା ହୋଇଯିବା, ବାଘର ବିନାଶ ହେବା, ବାଘମାନଂକୁ ଯୋଚି ବେଂଗଳା ପକାଇବା, ଇତ୍ୟାଦି ଘଟଣାରୁ ତାଂକର ଶକ୍ତିମତ୍ତାର ପରିଚୟ ମିଳେ । ଅପରପକ୍ଷରେ ଭୀମକୁ ଜଣେ ଗାଉଁଲୀ ନିର୍ବୋଧ ଗୁଣ୍ଡା ପ୍ରକୃତିର ଚରିତ୍ର ଭାବରେ ଚିତ୍ରଣ କରିଛନ୍ତି । ଭୀମ ଚରିତ୍ର ବର୍ଣ୍ଣନାରେ ସାରଳାଙ୍କ ତ୍ରୁଟି ଦର୍ଶାଇବାକୁ ଯାଇ ପଣ୍ଡିତ ନନ୍ଦ ଲେଖିଛନ୍ତି ,

"ସାରଳା ଦାସ ଅନେକ ସ୍ଥଳରେ ବହୁ ବିଷୟରେ ଭୀମସେନଙ୍କୁ ମନ୍ଦବୁଦ୍ଧି ଦୁର୍ନୀତି ପରାୟଣ କରି ଦୁର୍ଭାବନାରେ କଦର୍ଯ୍ୟ କରିଅଛନ୍ତି । ଭୀମଙ୍କ ପରି ଦୁର୍ଭାବନାର ଆଭାସ 'ସୁଦ୍ଧାମୂଳ' ଗ୍ରନ୍ଥରେ ନାହିଁ । କି ପ୍ରମାଣ ପାଇ ଅବା ଭୀମଙ୍କ ପ୍ରକୃତି ଚିତ୍ରଣ ଅନେକ ସ୍ଥଳରେ ଦୁର୍ନୀତି ବିଲକ୍ଷଣ ଓ ବାଳ ସ୍ୱଭାବସମ୍ପନ୍ନ କରିଦେଇଛନ୍ତି, ବୁଝାଯାଉ ନାହିଁ । ଏହାର ଗୋଟିଏ ମାତ୍ର ଉଦାହରଣ ଦେଖନ୍ତୁ, ବନବାସୀ ପାଣ୍ଡବମାନେ ଗଣ୍ଡକୀତୀରୋପକଣ୍ଠ ବନରେ ବିବାହ କରୁଥିବା ସମୟରେ ଶ୍ରୀକୃଷ୍ଣ ଦ୍ୱାରକାରୁ ସମାଗତ ହେଲେ । ଦେଖିଲେ ଯେ ଭୀମସେନ ସାଳଗ୍ରାମ ଗୁଡ଼ିକ ଗୋଡ଼ରେ ଗଡ଼ାଇ ଗଡ଼ାଇ ଖେଳୁଅଛନ୍ତି । 'ଏସବୁ ଦେବ ସ୍ୱରୂପ' ଏପରି କାହିଁକି କରୁଅଛ ? ଶ୍ରୀକୃଷ୍ଣ ଏହା କହିବାରୁ ଭୀମ ଉତ୍ତର ଦେଲେ କି ଏଗୁଡ଼ାକ ତ ପଥର ।

ଭାଷା ଓ ଭାବ ଦିଗରୁ ସାରଳା ମହାଭାରତ ଯେ ଅନନ୍ୟ, ସ୍ୱତନ୍ତ୍ର ଏଥିରେ ସନ୍ଦେହ ନାହିଁ । ଭାଷା ଓ ଭାବଗତ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ସାରଳା ମହାଭାରତର ପ୍ରଶଂସା କରିଛନ୍ତି । ଯେଉଁ ସମୟରେ ଭାଷାର ଏକ ନିର୍ଦ୍ଦିଷ୍ଟ ରୂପରେଖ ପ୍ରସ୍ତୁତ ହୋଇନଥିଲା, ସେ ସମୟରେ ଏଭଳି ଏକ ବିରାଟ ଗ୍ରନ୍ଥର ପରିକଳ୍ପନା ଆଶ୍ଚର୍ଯ୍ୟଜନକ କଥା । ସେ ସମୟରେ ଓଡ଼ିଶାର ଲୋକସମାଜରେ ପ୍ରାକୃତ ଭାଷାର ବ୍ୟବହାର ହେତୁ ସାରଳା ମହାଭାରତର ବହୁ ସ୍ଥଳରେ ସଂସ୍କୃତ ଭାଷା ଅପେକ୍ଷା ପ୍ରାକୃତ ଶବ୍ଦ, ବିଭକ୍ତି, କ୍ରିୟା, ପ୍ରତ୍ୟୟ ଇତ୍ୟାଦିର ବ୍ୟବହାର କରାଯାଇଛି । ସାରଳା ମହାଭାରତର ଭାଷାତାତ୍ତ୍ୱିକ ବିଭବକୁ ନେଇ ବହୁ ଆଲୋଚକ ଆଲୋଚନା କରିଛନ୍ତି। ଆଲୋଚନାର ସୁଗମତା ନିମନ୍ତେ ପଣ୍ଡିତ ନନ୍ଦଙ୍କର ବିଚାରର କେତାକାଂଶ ଉଦ୍ଧୃତ ସହ ଆଲୋଚନା କରାଯାଇପାରେ । ମହାଭାରତରେ ପ୍ରାକୃତ ଶବ୍ଦର କିପରି ବ୍ୟବହାର କରାଯାଇଛିଦୁଇଟି ଦୃଷ୍ଟାନ୍ତ ଏଠାରେ ଦେଉଛି ।

- ଓଡ଼ିଆ ଭାଷାର ଅଭିବୃଦ୍ଧିରେ ପ୍ରାକୃତ ଭାଷାରେ ପ୍ରଚଳିତ ଓଡ଼ିଆ ଭାଷାର ସ୍ୱଭାବିକ ସତ୍ତାର ନାନାବିଧ ଦେଶୀୟ ପଦମାନଂକୁ ସଂଗ୍ରହ କରିଛି । ଆମେ ପୂଜା କରୁଥିବା ଦେବାଦେବୀଙ୍କ ନାମକୁ ଏଠାରେ ଗ୍ରହଣ କରୁଛି । 'ମହାଦେବଙ୍କ' ତିନିଆଖିଆ, 'ପାଞ୍ଚମୁହାଁ', 'କଳାକଣ୍ଠିଆ', 'ପାଞ୍ଚମଥା', କୁହାଯାଏ । ମହାଦେବଙ୍କ ନାମକୁ ନେଇ ଏହା ଏକ ଦେଶଜ ପ୍ରତିଶବ୍ଦ । ସାରଳା ମହାଭାରତରେ ପ୍ରଦତ୍ତ-

"ବିଜେ କର୍ଣ୍ଣ କଟାରି ଯେ ଘେନି ପାଞ୍ଚମୁଣ୍ଡ
ସେହୁ ବାଉଁଶ ଗୋଟିକୁ କଲେ ପାଞ୍ଚଖଣ୍ଡ ।"

- ଓଡ଼ିଆ ଭାଷାରେ ଏପରି କେତେକ ବିଶେଷ୍ୟ ଶବ୍ଦ ଅଛି । ସେଗୁଡ଼ିକ କେବଳ ସମ୍ବନ୍ଧ ପଦ ପରେ ବ୍ୟବହୃତ ହୁଅନ୍ତି । ଅନ୍ୟତ୍ର ବ୍ୟବହୃତ ହୁଅନ୍ତି ନାହିଁ ।

ଯେମିତିକି ସଂସ୍କୃତରେ ବ୍ୟବହୃତ 'ପୁଷ୍ପବୃନ୍ତ' ଶବ୍ଦ ଓଡ଼ିଆରେ ବ୍ୟବହୃତ ହୁଏ ନାହିଁ । ଓଡ଼ିଆରେ ଆମେ ଫୁଲଡ଼େମ୍ଫ, ଫୁଲନାଡ଼, ଫୁଲବେଣ୍ଟ କହିଥାଉ । ସାରଳା ମହାଭାରତରେ 'ଫୁଲବେଣ୍ଟ', 'ଅବେଣ୍ଟ' ଭାବରେ ବ୍ୟବହୃତ ।

"ଚାଲନ୍ତେ ମହୀରେ ଅବେଣ୍ଟ ପଦ୍ମ ଫୁଟଇ ।" (ଅର୍ଥାତ୍ ଭୂମିରେ ଚାଲିଲେ ବେଣ୍ଟ / ଡ଼େମ୍ଫ ଥିବା ପଦ୍ମ ଫୁଲ ଫୁଟୁଛି । )

ପଣ୍ଡିତ ଗୋପୀନାଥ ଥିଲେ ପ୍ରାକୃତର ଭକ୍ତ । ପ୍ରାୟ ଶବ୍ଦାନୁଶୀଳ ହେଉ ବା ବ୍ୟାକରଣଗତ ଅନୁଶୀଳନ ସର୍ବତ୍ର ସେ ପ୍ରାକୃତ ସପକ୍ଷରେ ଦୃଢ ଯୁକ୍ତି ଉପସ୍ଥାପନ କରିଅଛନ୍ତି । କିନ୍ତୁ ନିଜେ ଯେଉଁ ସମୀକ୍ଷାତ୍ମକ ଆଲୋଚନା ପ୍ରସ୍ତୁତ କରିଛନ୍ତି ତାହା ଅନେକାଂଶରେ ସଂସ୍କୃତ ପ୍ରଭାବିତ ହୋଇଥିବାରୁ ସାଧାରଣ ପାଠକଙ୍କ ପାଇଁ ଏହା ଜଟିଳ ମନେ ହୋଇଥାଏ । ସାରଳା ମହାଭାରତରେ ପ୍ରଚଳିତ ବହୁ ଶବ୍ଦକୁ ଆଧାର କରି ସେ ଆଲୋଚନା କରିଛନ୍ତି । ଏହି ଶବ୍ଦଗୁଡ଼ିକ ମଧ୍ୟରୁ କେତେକ ଆଞ୍ଚଳିକ ସ୍ତରରେ ଥିଲେ ସୁଦ୍ଧା କେତେକ ସାର୍ବଜନୀନ ପର୍ଯ୍ୟାୟକୁ ଆସିଲାଣି ।

ନିମ୍ନରେ ଏହାର ଦୃଷ୍ଟାନ୍ତ ପ୍ରଦାନ କରୁଛି ।
'ବାଗେ' ଶବ୍ଦକୁ ଆଲୋଚନା କରିବା ।

ବାଗେ = ବାଗେଣ , 'ଏତେବାଗେଣ', ଏବାଗେ', 'କେଉଁ ବାଗେ', 'ଯେଉଁ ବାଗେ', । ଏହାର ମୂଳ ରୂପ ନା ସଂସ୍କୃତରେ ଅଛି ନା ପ୍ରାକୃତରେ ଅଛି । ନିମ୍ନରେ ଏହି ଶବ୍ଦ ବ୍ୟବହାର କରାଯାଇଥିବା ଦୁଇଟି ପଂକ୍ତିକୁ ଉଦ୍ଧାର କରିବା ।

*"ଅନେକ ବାଗେ ନିର୍ଘାତ ପୂଜା ବିଧି କଲା
ଦୁହିତା ନିମନ୍ତେ ତହିଁ ସତ୍ୟ ଉଭାରିଲା ।"
*"ଶୁଣ ଗୋ ବଧୂମାନେ ବଦନ୍ତି ସତ୍ୟବତୀ
ଏତେ ବାଗେଣ ସନ୍ତାନ ହୁଏ ଉତପତ୍ତି ।"

ସାରଳା ମହାଭାରତରେ ଆଉ ଏକ ଅବ୍ୟୟ ପଦର ବହୁଳ ବ୍ୟବହାର କରାଯାଇଛି । ତାହା ହେଉଛି 'ଏଥ' 'ଏଥୁ' । ସଂସ୍କୃତରେ ଏହାକୁ 'ଅତ୍ର' କୁହାଯାଏ । ପ୍ରାକୃତରେ 'ଏଥ୍ଥ' ।
ତେଣୁ ଅତ୍ର = ଏଥ୍ଥ = ଏଥ
"ବ୍ୟାସଙ୍କୁ ଦେଖି ଧୃତରାଷ୍ଟ୍ର ହେଲା ପ୍ରଣିପତ୍ୟ
ଧୃତରାଷ୍ଟ୍ରଙ୍କୁ ବୋଇଲେ ବ୍ୟାସ ନଥାଅ ତୁ ଏଥ ।"
ପଣ୍ଡିତ ନନ୍ଦ ମହାଭାରତର ଭାଷା ସମ୍ବନ୍ଧରେ ଯେଉଁ ଯୁକ୍ତି ଦେଇଛନ୍ତି ତାହା ଏଠାରେ ଉଲ୍ଲେଖ କରୁଅଛି ।

"ସାରଳା ମହାଭାରତ ଗ୍ରନ୍ଥର ଭାଷା ସର୍ବତ୍ର ଅତି ସରଳତା ଓ ପ୍ରାଞ୍ଜଳତାରେ ଏକ ପ୍ରକ୍ଷ୍ୟ ଅଟେ । ଯେକୌଣସି ଅଂଶ ଦେଖିବେ ନିସର୍ଗ ସୌନ୍ଦର୍ଯ୍ୟର ମନୋହର । ତତ୍କାଳୀନ ଓଡ଼ିଆ ଭାଷାର ଶୈଶବାବସ୍ଥାରେ ଏତାଦୃଶ ରମଣୀୟତା ଓ ସୌଷ୍ଠବର ଆବିର୍ଭାବ କେବଳ ସାରଳା ଦାସ ମହାଶୟଙ୍କର ଅସାଧାରଣ ବୁଦ୍ଧିମତ୍ତା ଓ ସହୃଦୟତର ଫଳ । ଏହା କେବଳ କହିବା ବାହୁଲ୍ୟ ମାତ୍ର । ଏହାଙ୍କ ସମୟର ଖୋଦିତ ଲିପି ଓ ଶାସନ ପତ୍ର ପ୍ରକୃତିର ଭାଷା ସହ ଏହି ଭାରତୀୟ ଭାଷା ତୁଳନା କଲେ ଏହା ଯେ କବିଙ୍କ ମତିମତ୍ତତାରୁ ବହୁ ଗୁଣରେ ପରିମାର୍ଜିତ ଓ ପରିବର୍ଦ୍ଧିତ ହୋଇଅଛି, ଏହା ସମସ୍ତେ ଅବଶ୍ୟ ଅକୁଣ୍ଠତାରେ ବିଶ୍ୱାସ କରିବେ ।" (୧୦)

'ଶ୍ରୀ ଭାରତ ଦର୍ପଣ' ଗ୍ରନ୍ଥରେ ସାରଳା ଦାସଙ୍କ ପାଣ୍ଡିତ୍ୟ ଓ କବିତ୍ୱର ପରାକାଷ୍ଠାକୁ ଭଲ ଭାବରେ ହୃଦୟଙ୍ଗମ କରିଛନ୍ତି । ସେ ଆମକୁ ଦେଖାଇ ଦେଇଛନ୍ତି ଯେ, ଓଡ଼ିଆ କବି ସାରଳା ଦାସ ବ୍ୟାସଙ୍କର ସୁଯୋଗ୍ୟ ଦାୟାଦ । ତତ୍କାଳୀନ ଭାରତର ବିଭିନ୍ନ ଭାଷାର କବିମାନଂକ ମଧ୍ୟରେ ଅନ୍ୟତମ ପ୍ରସିଦ୍ଧ କବି । 'ଶ୍ରୀ ଭାରତଦର୍ପଣ'ରେ ବ୍ୟାସଙ୍କୁ 'ବ୍ୟାସମୁନି' ଓ ସାରଳାଙ୍କୁ 'ଦାସ ମୁନି' ବୋଲି ଅଭିହିତ କରିଛନ୍ତି ।

ପଣ୍ଡିତ ନନ୍ଦଙ୍କ ଭାଷାରେ, "ଦାସ ମୁନିଙ୍କର ବ୍ୟାସ ମୁନିଙ୍କ ନାମ ସାଦୃଶ୍ୟର ପ୍ରାପ୍ତିକ୍ରମ ଦେଖିଅଛନ୍ତି । ଏବେ କ୍ରମଶଃ ଦେଖିନେବେ । ବ୍ୟାସମୁନି ଓ ଦାସମୁନିଙ୍କର ମହାଭାରତ ରଚନାର ପ୍ରବୃତ୍ତିକାରଣ ପ୍ରଭୃତିରେ ମଧ୍ୟ କେତେଦୂର ଏକଦେଶୀୟ ସାଦୃଶ୍ୟ ଦେଖାଯାଉଅଛି । ପ୍ରଥମତଃ ଅନ୍ୟାନ୍ୟ ପୁରାଣମାନଂକରେ କଥିତ ବ୍ୟାସଦେବଙ୍କର ମହାଭାରତ ରଚନା ପ୍ରବୃତ୍ତି କାରଣ ପ୍ରଭୃତିରେ ମଧ୍ୟ କେତେଦୂର ଏକଦେଶୀୟ ସାଦୃଶ୍ୟ ଦେଖାଯାଉଛି । ପ୍ରଥମତଃ ଅନ୍ୟାନ୍ୟ ପୁରାଣମାନଙ୍କରେ କଥିତ ବ୍ୟାସଦେବଙ୍କର ମହାଭାରତ ରଚନା ପ୍ରବୃତ୍ତିମୂଳକ କେତେକ କଥା ଲେଖାଯାଇଅଛି । ଏଥିରୁ ଘଟନା ବିଶେଷ ଧରି ସାରଳା ଦାସଙ୍କ ଚରିତରୁ ସାଦୃଶ୍ୟ ଖୋଜିବାକୁ ହେବ; କିମ୍ବା ତାଂକ ଚରିତ୍ର ସଂଲଗ୍ନ କରିବାକୁ ହେବ ।" (୧୧)

ପଣ୍ଡିତ ନନ୍ଦଙ୍କ ସମୀକ୍ଷାର ସ୍ୱାତନ୍ତ୍ର୍ୟ ସଂପର୍କରେ ପଣ୍ଡିତ ଗୋପବଂଧୁ ଲେଖିଥିଲେ,

"The Pandit's labour and research in the domain of Oriya Literature are well known and his criticism of the Sarala Mahabharata fully justifies his reputation and would do credit to any eminent scholar of any language. He has noted the variations in the readings between the old palm leaf manuscripts and the printed works. A critical study of a gigantic work like the Mahabharata can be undertaken only by very few scholars of uncommon zeal and patience. There can be no doubt that Pandit Nanda's Samalochana (Criticism) is an invaluable contribution to Oriya literature." (12)

## (୪)

ଉତ୍ତରପୀଢି ପାଇଁ ଗୋପୀନାଥଙ୍କ ସମୀକ୍ଷା ପ୍ରେରଣାର ଉତ୍ସ ପାଲଟିଛି । ପଣ୍ଡିତ ନନ୍ଦଙ୍କର ସୁଗଭୀର ଅଧ୍ୟୟନ ତାଂକୁ ଜଣେ ବିଦ୍ୱାନ ସମୀକ୍ଷକ (Scholar-critic)ର ଆଖ୍ୟା ପ୍ରଦାନ କରିଛି । ସାହିତ୍ୟ କୃତିର ପ୍ରକୃଷ୍ଟ ମୂଲ୍ୟାୟନ ନିମନ୍ତେ ପାଣ୍ଡିତ୍ୟ ସହିତ ସୂକ୍ଷ୍ମ ବିଚାର – ବିଶ୍ଳେଷଣର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ସଂପର୍କରେ ପଣ୍ଡିତ ନନ୍ଦ ଭଲ ଭାବରେ ଅବଗତ ଥିଲେ । ତେଣୁ ତାଂକର ପାଣ୍ଡିତ୍ୟ ଓ ସୁନିପୁଣ ବିଶ୍ଳେଷଣ ଶକ୍ତି 'ଶ୍ରୀ ଭାରତ ଦର୍ପଣ' ଗ୍ରନ୍ଥକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରିଛି । ପରବର୍ତ୍ତୀ ସମୟରେ 'ସାରଳା ମହାଭାରତ'ର ଆଲୋଚନା ନିମିତ୍ତ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଗଦ୍ୟଶିଳ୍ପୀ ସୁରେନ୍ଦ୍ର ମହାନ୍ତି, ଗବେଷକ ବଂଶୀଧର ମହାନ୍ତିଙ୍କ ପାଇଁ ମାର୍ଗ ଉନ୍ମୁକ୍ତ କରିଛି । ଗବେଷକତ୍ରୟ 'ଶ୍ରୀ ଭାରତ ଦର୍ପଣ'କୁ ଗବେଷଣାର ମୂଳାଧାର ଭାବେ ଗ୍ରହଣ କରିଛନ୍ତି । ଗବେଷକ ପାଣିଗ୍ରାହୀ ଐତିହାସିକ ଦୃଷ୍ଟିକୋଣରୁ ମହାଭାରତକୁ ଦକ୍ଷତାର ସହ ଆଲୋଚନା କରିଛନ୍ତି । ସୁରେନ୍ଦ୍ର ମହାନ୍ତିଙ୍କ 'ଆଦିପର୍ବ' 'ଶ୍ରୀ ଭାରତଦର୍ପଣ'ର ଆଧୁନିକ ସଂସ୍କରଣ କହିଲେ ଅତ୍ୟୁକ୍ତି ହେବନାହିଁ । ଗବେଷକ ମହାନ୍ତି ମଧ୍ୟ ଶ୍ରୀ ଭାରତ ଦର୍ପଣର ସୁଦୃଢ ପୃଷ୍ଠପଟ୍ଟ ଉପରେ ଓଡ଼ିଆ ସାହିତ୍ୟର ଇତିହାସରେ ସାରଳା ସାହିତ୍ୟ ସଂପର୍କରେ ଆଲୋଚନା କରିଛନ୍ତି । ହୋଇପାରେ ପଣ୍ଡିତ ଗୋପୀନାଥଙ୍କ 'ଶ୍ରୀ ଭାରତ ଦର୍ପଣ'ର ରଚନା ଶୈଳୀ ଓ ଭାଷା ସାଧାରଣ ପାଠକର ବୋଧଶକ୍ତି ଠାରୁ ଦୂରରେ, ଭାବଗର୍ଭକ ସଂସ୍କୃତ ଶବ୍ଦର ବହୁଳ ବ୍ୟବହାରରେ ଆଲୋଚନା ଭାରାକ୍ରାନ୍ତ, ସନ୍ଧି, ସମାସ ବହୁଳ ଜଟିଳ ବାକ୍ୟରେ ଆଲୋଚନା ଗ୍ରନ୍ଥ ପାଣ୍ଡିତ୍ୟପୂର୍ଣ୍ଣ, ଯାହାକୁ କେବଳ ବୌଦ୍ଧିକ ପାଠକ, ଗବେଷକ ଓ ଗୁଣଗ୍ରାହୀ ସାହିତ୍ୟ ରସିକ ପକ୍ଷେ ବୁଝିବା ସମ୍ଭବପର । ନିମ୍ନରେ ତାଂକ ଶୈଳୀର ତିନି ଚାରୋଟି ଧାଡ଼ି ଉଦ୍ଧାର କରୁଛି । "ତତ୍ପର ସ୍ୱୀକୃତାଶ୍ୱବାର କର୍ମ ନିଶାକର ମନୋରମ ନିଶାକର ନକୁଳ ପ୍ରବେଶ ମାତ୍ରକେ ମୂଳରେ ଅନୂଦିତ କଣ୍ଟନ ଦୁର୍ନିବାର ଅଖର୍ବବେଗ ଅର୍ବକୁ ସବାରିରେ ପଞ୍ଚତ୍ୱ ସହଚାରୀ କରିବା, ସେ ପୁଣି ସହି ନିଗ୍ରହରୂପ ଅନୁଗ୍ରହରୁ ପ୍ରାପ୍ତ ଦିବ୍ୟ ବିଗ୍ରହରେ ଆଗ୍ରହ ସହକାରେ ଦେବଗୃହ ପ୍ରାପ୍ତ ହେବାର ପ୍ରତିପାଦିତ କରି ତଦୀୟ ପୂର୍ବତନ ଜନ୍ମ ବୃତ୍ତାନ୍ତ ଲେଖିଅଛନ୍ତି କି ପୂରା ଏକଦା ସ୍ୱର୍ଗୀୟ କ୍ଷେତ୍ରପାଳ ବାମଦେବ ସୂର୍ଯ୍ୟଙ୍କ ମନ୍ଦୁରାରୁ ଆନୀତ ବିନୀତ ତୁରଙ୍ଗକୁ ପ୍ରତ୍ୟର୍ପଣ ନ କଲାରୁ ସେ ଶାପ ଦେଲେ ଯେ ତୁମ୍ଭେ ଅଶ୍ୱାଧିକାର କରଣରୁ ଅଦ୍ୟାବଧି ଅଶ୍ୱହୋଇ ମଦୀୟ ଔରସ ଜାତ ନକୁଳଙ୍କ ହସ୍ତରୁ ମୁକ୍ତ ହେବ ।" (୧୩) ଏହି ଉକ୍ତିରୁ ପଣ୍ଡିତ ନନ୍ଦଙ୍କର ରଚନା ଶୈଳୀ, ଶବ୍ଦ ପାଣ୍ଡିତ୍ୟ ସଂପର୍କରେ ଅବଧାରଣା କରିହୁଏ । 'ଭାରତଦର୍ପଣ'ର ଭାଷା କ୍ଲିଷ୍ଟ । ପାଣ୍ଡିତ୍ୟପୂର୍ଣ୍ଣ । ସ୍ଥାନେ ସ୍ଥାନେ ବକ୍ତବ୍ୟ ସ୍ୱଷ୍ଟ ମଧ୍ୟ ହେଉନାହିଁ । ଶବ୍ଦର ବହ୍ୱାଡ଼ମ୍ବର ମଧ୍ୟରେ ଆଲୋଚନାର ସାବଲୀଳତା ନଷ୍ଟ ହୋଇଯାଇଛି । ଏସବୁ ସତ୍ତ୍ୱେ ପଣ୍ଡିତ ଗୋପୀନାଥ ନନ୍ଦ 'ଶ୍ରୀ ଭାରତ ଦର୍ପଣ' ଗ୍ରନ୍ଥ ରଚନା କରି ଆମ ସମାଲୋଚନା ସାହିତ୍ୟର ସୁଦୃଢ ଭିତ୍ତି ସ୍ଥାପନ କରିଛନ୍ତି ।

## ସହାୟକ ଗ୍ରନ୍ଥସୂଚୀ :-


(୧) କର, ବାଉରୀ ବନ୍ଧୁ, ପଣ୍ଡିତ ଗୋପୀନାଥ ନନ୍ଦ : ସାରସ୍ୱତ ଜୀବନୀ, କେନ୍ଦ୍ର ସାହିତ୍ୟ ଅକାଦେମୀ, ପୃ- ୦୫ ।

(୨) ଉତ୍କଳ ସାହିତ୍ୟ, ୨୭/୧୨ – ପୃ- ୪୬୧ ।

(୩) ନୀଳକଣ୍ଠ ଦାସ, ଓଡ଼ିଆ ଭାଷାତତ୍ତ୍ୱ - ଗ୍ରନ୍ଥପ୍ରବେଶ, ପୃ ୧-୨ ।

(୪) ସାରଳା ସ୍ମରଣିକା (ପ୍ରଜାତନ୍ତ୍ର ପ୍ରଚାର ସମିତି ୧୯୫୪) ଅଧ୍ୟାପକ ଗୌରୀକୁମାର ବ୍ରହ୍ମାଙ୍କ ପ୍ରବଂଧ ଆଦିକବି ଓ ଆଦି ସମୀକ୍ଷକ, ପୃ- ୧୦୩ ।

(୫) ସତ୍ୟବାଦୀ ୧ମ ବର୍ଷ, ୮-୯ ସଂଖ୍ୟା, ପୃ ୨୩୦ ।

(୬) ଉତ୍କଳ ସାହିତ୍ୟ, ଭା ୧୫/୧-୨ ସଂଖ୍ୟାରୁ ଆଲୋଚନା ଆରମ୍ଭ ଓ ୧୯/୪ ସଂଖ୍ୟାରେ ସମାପ୍ତ ।

(୭) ଉତ୍କଳ ସାହିତ୍ୟ ଭା ୧୯/୪ର୍ଥ ସଂଖ୍ୟାର ବିବିଧ ।

(୮) ଶ୍ରୀ ଭାରତ ଦର୍ପଣ ୧ମ ସଂସ୍କରଣ, ପୃ ୧୧-୧୨ ।

(୯) ଶ୍ରୀ ଭାରତ ଦର୍ପଣ (୧୯୬୪) ପୃ ୩୩-୩୪ ।

(୧୦) ଶ୍ରୀ ଭାରତ ଦର୍ପଣ (୧୯୬୫) ପୃ ୨୬୪ ।

(୧୧) ଶ୍ରୀ ଭାରତ ଦର୍ପଣ  (୧୯୬୪) ପୃ- ୨୮୯ ।
(୧୨) ଶ୍ରୀ ଭାରତ ଦର୍ପଣ  (୧୯୬୪) ପୃ ୪୩ ।
(୧୩) ଶ୍ରୀ ଭାରତ ଦର୍ପଣ  (୧୯୬୪) ପୃ- ୯୮ ।

## Funding

No funding was received for conducting this study.

## Conflict of interest

The Author has no conflicts of interest to declare that they are relevant to the content of this article.

## About The License

© The author 2020. The text of this article is open access and licensed under a Creative Commons Attribution 4.0 International License

## Cite this Article

Bijayalaxmi Dash, Literary critic: pandit Gopinatha Nandasharma, Indian Journal of Multilingual Research and Development, Vol 1, Iss 1 (2020) 1-6. DOI: https://doi.org/10.34256/ijmrd2011